## ସଂକ୍ଷେପରେ

### ସୁରକ୍ଷାକର୍ମୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଆସିକା,୬।୧୦(ଡି.ଏନ୍.ଏ): ଆସିକା** ମୁଖ୍ୟ ଡାକଘରର ସମ୍ମୁଖରେ ଥିବା ଡାକ ବିଭାଗ ଏଟିଏମ କାଉଣ୍ଟରର ସୁରକ୍ଷା କର୍ମୀ ଉପେନ୍ଦ୍ର ପ୍ରଧାନଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଆସିକା ଏନଏସି ମୁନିସାହିର ଅରୁଣ ପାଣିଗ୍ରାହୀ। ତାଙ୍କୁ ମଙ୍ଗଳବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅରୁଣ ସୋମବାର ରାତିରେ ସୁରକ୍ଷା କର୍ମୀ ଉପେନ୍ଦ୍ରଙ୍କୁ କୌଣସି କାରଣ ନଥାଇ ଗାଳିଗୁଲଜ କରିବା ସହ ଗଳାଚିପି ହତ୍ୟା ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ସୁରକ୍ଷା କର୍ମୀଙ୍କ ଅଭିଯୋଗକ୍ରମେ ଆସିକା ଥାନାରେ ନଂ.୫୧୧/୨୦ରେ ଏକ ମାମଲା ରୁଜୁ କରାଯାଇଛି।

### ଫସଲ କ୍ଷତିପୂରଣ ଦାବି

**ପୋଲସରା,୬।୧୦(ଡି.ଏନ.ଏ.):** ଲଘୁଚାପଜନିତ ଲଗାଣ ବର୍ଷାରେ ଫସଲ ନଷ୍ଟ ହୋଇଥିବାରୁ ସହାୟତା ଯୋଗାଇ ଦେବା ନିମନ୍ତେ ଦାବି ହୋଇଛି। ପୋଲସରା ବ୍ଲକ ଅନ୍ତର୍ଗତ କଳମ୍ବ ଗ୍ରାମର ରାମକୃଷ୍ଣ ପ୍ରଧାନ ମଙ୍ଗଳବାର ସ୍ଥାନୀୟ ତହସିଲଦାର ଏବଂ କୃଷି ଅଧିକାରୀଙ୍କୁ ଜଣାଇଛନ୍ତି ଯେ, ଚଳିତ ଖରିଫରେ ସେ ୨ ଏକର ଜମିରେ ଛୋଟ ଧାନ ଚାଷ କରିଥିଲେ। ଧାନ ହୋଇଯିବାରୁ ଗତ ୨୭ ତାରିଖରେ କାଟି ବିଲରେ ରଖିଥିଲେ। ସେବେଠାରୁ ବର୍ଷା ଲାଗି ରହିବା ଦ୍ୱାରା ଧାନ କଳେଇ ପଚି ନଷ୍ଟ ହୋଇଯାଇଛି। ତେଣୁ ସେବା ସମବାୟ ସମିତିରୁ କରିଥିବା କୃଷି ଋଣ ଛାଡ କରିବା ସହିତ ଫସଲ ବୀମା ଅର୍ଥ ଯୋଗାଇ ଦେବା ପାଇଁ ରାମକୃଷ୍ଣ ନିବେଦନ କରିଛନ୍ତି।

### ରନ୍ଧାମଦ ଜବତ, ପୋଚ ନଷ୍ଟ: ୧୩ ଗିରଫ

**ଆସିକା,୬।୧୦(ଡି.ଏନ୍.ଏ): ଆସିକା** ଥାନା ଇଲାକାରେ ଚାଲିଥିବା ବେଆଇନ ରନ୍ଧାମଦ ଭାଟି ଓ ମଦ ଦୋକାନ ଉପରେ ମଙ୍ଗଳବାର ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଚଢାଉ ବେଳେ ପୋଲିସ ୬୨୦ ଲିଟର ରନ୍ଧା ମଦ ଜବତ କରିବା ସହ ୨ହଜାର ଲିଟର ପୋଚ ନଷ୍ଟ କରିଛି। ଏହି ମାମଲାରେ ୧୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋଲାଦାମୋଦରପଲ୍ଲୀର ଡି.ଗୋପି, ଜଗନ୍ନାଥପଲ୍ଲୀର ଏ.ମୂରିଲ, ଡୁଙ୍ଗୁଣିର ପି.ଗୋପୀ, ଏ.ବାବୁ, ଏ.ରବି, ଏମ.ନାଇନା, କରନ ଦାସ, ଜୟପୁର ଗ୍ରାମର ଶିବ କୁସୁମ, ରବୀନ୍ଦ୍ର ଦାସ, ଛତାପଡିଆର ନରସିଂହ ଦାସ, ସାହାପୁରର ଏ.ଦଣ୍ଡ ଓ କରାତଳିର ଏ.ଶଙ୍କର। ଏ ନେଇ ଆସିକା ଥାନାରେ ପୃଥକ ୧୩ଟି ମାମଲା ରୁଜୁ କରାଯାଇ ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ, ୧୨ ଗିରଫ

**ଗୋପାଳପୁର,୬।୧୦:** ଗୋଳନ୍ଥରା ଥାନା ପୋଲିସ ମଙ୍ଗଳବାର ୧୨ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ବାଦି ଛକ ନିକଟରେ କିଛିଦିନ ହେଲା ଜୁଆ ଖେଳ ଚାଲିଥିଲା। ଖବର ପାଇ ଅପରାହ୍ନରେ ଥାନାଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ସେଠାରେ ଚଢ଼ାଉ କରାଯାଇଥିଲା। କେତେଜଣ ଜୁଆଡ଼ି ଚମ୍ପଟ ମାରିଥିବା ବେଳେ ୧୨ ଜଣ ଧରାପଡ଼ିଥିଲେ। ତାଙ୍କଠାରୁ ୧ ଲକ୍ଷ ୪ ହଜାର ଟଙ୍କା, ୨ ବାଇକ୍ ଓ ୭ ମୋବାଇଲ୍ ଫୋନ୍ ଜବତ ହୋଇଛି। ଏ ନେଇ ନଂ. ୨୭୩/୨୦ରେ ମାମଲା ରୁଜୁ କରାଯାଇଛି।

### ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ସ୍ଥଗିତ

**ଶେରଗଡ,୬।୧୦(ଡି.ଏନ୍.ଏ.):** ୨୦୧୭ ପଞ୍ଚାୟତ ନିର୍ବାଚନରେ ଶେରଗଡ ବ୍ଲକ କୁରୁଳା ପଞ୍ଚାୟତ ସରପଞ୍ଚ ଭାବେ ବି. ଆଉଁସା ପାତ୍ର ନିର୍ବାଚିତ ହୋଇଥିଲେ। ୧୧ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ୮ ଜଣ ୱାର୍ଡମେମ୍ବର କିଛିଦିନ ତଳେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ଭୋଟ ପାଇଁ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗତ ଗୁରୁବାର ଉପଜିଲାପାଳ ଶେରଗଡ ବିଡିଓ ଓ ୱାର୍ଡ ସଭ୍ୟମାନଙ୍କୁ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଲାଗି ଭୋଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କରୋନା କଟକଣା ଯୋଗୁ ପୁଣି ଏହାକୁ ସ୍ଥଗିତ ରଖିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭୋଟ ପାଇଁ ନୂତନ ତାରିଖ ଧାର୍ଯ୍ୟ କରି ଜଣାଯିବ ବୋଲି ଉପଜିଲାପାଳ ମିଞ୍ଜ କହିଛନ୍ତି।

# ଦ୍ୱିତୀୟ ଦିନରେ ଆମରଣ ଅନଶନ

**ଛତ୍ରପୁର,୬।୧୦(ଡି.ଏନ୍.ଏ.)**

ଛତ୍ରପୁରରେ ଦିବ୍ୟାଙ୍ଗ, ମାନସିକ ଅନଗ୍ରସରମାନଙ୍କ ପାଇଁ ଉଦ୍ଦିଷ୍ଟ ସମର୍ଥ ଆବାସିକ ସ୍କୁଲ ଉଚ୍ଛେଦ କରିବାକୁ ଜିଲାପାଳ ନୋଟିସ୍ ଦେଇଥିଲେ। ଏହା

**ଆବାସିକ ସ୍କୁଲ ଉଚ୍ଛେଦର ପ୍ରତିବାଦ**

ପ୍ରତିବାଦରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଞ୍ଜାମ ଜିଲା ଭିନ୍ନକ୍ଷମ କଲ୍ୟାଣ ମହାସଂଘ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ନେଇ ଚାଲିଥିବା ଆମରଣ ଅନଶନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ସମର୍ଥ ସ୍କୁଲ କୋଠା ବିପଦସଙ୍କୁଳ ଦର୍ଶାଇ ପ୍ରଶାସନ ଏହାକୁ ଉଚ୍ଛେଦ ପାଇଁ ନୋଟିସ୍ ଦେଇଥିବା ବେଳେ ଏହାକୁ ଚ୍ୟାଲେଞ୍ଜ କରି ଅନୁଷ୍ଠାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଥଇଥାନ ବ୍ୟବସ୍ଥା ନ କରି ପ୍ରଥମେ ସ୍କୁଲକୁ ବିଦ୍ୟୁତ ଓ ପାଣି ସଂଯୋଗ କଟାଗଲା ଏବଂ ପରେ ୩ ଦିନ ମଧ୍ୟରେ ସ୍କୁଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପ୍ରତିବାଦରେ ୨ ଦିନ ହେଲା ବର୍ଷାରେ ଭିଜି ଦିବ୍ୟାଙ୍ଗମାନେ ଅନଶନରେ ବସିଥିଲେ ହେଁ ଆବଶ୍ୟକ ଅନୁଯାୟୀ ଥଇଥାନ କରିବାରେ ପ୍ରଶାସନ ବିଫଳ ହୋଇଛି। ଏ ନେଇ ଜିଲା ଭିନ୍ନକ୍ଷମ କଲ୍ୟାଣ ମହାସଂଘ ସମ୍ପାଦକ କେ. ଆନନ୍ଦ ରାଓ ପ୍ରତିକ୍ରିୟା ପ୍ରକାଶ କରିବା ସହ ମାନବିକତା ମରିଯାଇଛି ବୋଲି କହିଛନ୍ତି। ପାର୍କ ପାଇଁ ସରକାରୀ ଅନୁଦାନପ୍ରାପ୍ତ ମାନସିକ ଅନଗ୍ରସର ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ଉଦ୍ଦିଷ୍ଟ ଆବାସିକ ସ୍କୁଲ ଉଚ୍ଛେଦକୁ ନେଇ ସାଧାରଣରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଛତ୍ରପୁର ବ୍ଲକ କଲୋନୀ ପ୍ରାଥମିକ ସ୍କୁଲରେ ଥଇଥାନ ପାଇଁ ପ୍ରଶାସନ ବ୍ୟବସ୍ଥା କରିଥିବା ନେଇ ଜିଲା ସାମଜିକ ସୁରକ୍ଷା ଅଧିକାରୀ ଚିଠି ଲେଖି ଭିନ୍ନକ୍ଷମ କଲ୍ୟାଣ ମହାସଂଘକୁ ଜଣାଇଛନ୍ତି। ତେବେ ଉକ୍ତ ସ୍କୁଲ କୋଠାରେ ଆଜବେଷ୍ଟସ, ରୁମ୍‌ରେ ସିଲିଂ ଫ୍ୟାନ୍ ବ୍ୟବସ୍ଥା, ୨ଟି ପାଇଖାନା, ବାଥରୁମ୍, ହଲ୍‌କୁ ୨ରୁ ୩ ଭାଗ କରି ରୁମ୍ ବାହର କରିବା, ସ୍କୁଲ ପରିସର ଓ ବାହାର ସଫେଇ କଲେ ରହିବା ବ୍ୟବସ୍ଥା ହୋଇପାରିବ ବୋଲି ଡିଏସଏସଓଙ୍କୁ ଚିଠି ଲେଖି ମହାସଂଘର ସମ୍ପାଦକ ଜଣାଇଛନ୍ତି। ଏଥିସହ ସମର୍ଥ ସ୍କୁଲରେ ପୁନଃ ପାଣି ଓ ବିଦ୍ୟୁତ ସଂଯୋଗ କରିବାକୁ ସେ ଅନୁରୋଧ କରଛନ୍ତି।



ଅନଶନ ଚାଲିଛି।

# ଜିଲାପାଳଙ୍କ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ

**ଗୋପାଳପୁର,୬।୧୦**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ରଙ୍ଗେଇଲୁଣ୍ଡା ବ୍ଲକର ୪ ପଞ୍ଚାୟତ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅପରାହ୍ନ ୪ଟାରେ ଜିଲାପାଳ କୁଲାଙ୍ଗେ ଓ ରଙ୍ଗେଇଲୁଣ୍ଡା ବିଡିଓ କୁମାର ନାଗଭୂଷଣ, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ ଓ ଅନ୍ୟମାନେ କେଲୁଆପଲ୍ଲୀ ଗ୍ରାମର ଗ୍ରାମ୍ୟ ଉଦ୍ୟାନ, କଲ୍ୟାଣ ମଣ୍ଡପ କାର୍ଯ୍ୟ ପରିଦର୍ଶନ କରିବା ସହ କାମ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ ଜିଲାପାଳ। କୀର୍ତ୍ତିପୁର ଗ୍ରାମର ଗୋରୁ ଗୁହାଳ, ଗୋଳନ୍ଥରା ଗ୍ରାମର ମଡେଲ ଟ୍ୟାଙ୍କ, ହଳଦିଆପଦରର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଇତ୍ୟାଦି ପରିଦର୍ଶନ କରିବା ସହ ରକ୍ଷଣାବେକ୍ଷଣ ଉପରେ ଆଲୋଚନା କରିଥିଲେ। କେଲୁଆପଲ୍ଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ, ରାଜେଶ୍ୱରୀ ଦୋରା, କନିଷ୍ଠ ଯନ୍ତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର, ସରିତା ବେହେରା, ମୁନା ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।



କେଲୁଆପଲ୍ଲୀ ଗ୍ରାମ୍ୟ ଉଦ୍ୟାନ ପରିଦର୍ଶନ କରୁଛନ୍ତି ଜିଲାପାଳ ଓ ଅନ୍ୟ ଅଧିକାରୀ।

# ଦୋକାନରୁ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପୋଲସରା,୬।୧୦(ଡି.ଏନ.ଏ.)**

ପୋଲସରା ଥାନା ମିଲ୍ ସାହି ଛକରେ ଥିବା ଏକ ଲେଡିଜ୍ କର୍ନରରୁ ସୋମବାର ରାତିରେ ପୋଲିସ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଢୋଉମାଳ ଗ୍ରାମର କୁଶ ପ୍ରଧାନ। ଲେଡିଜ୍ କର୍ନରେ କୁଶ କାମ କରୁଥିଲେ। ରାତିରେ ସେ ସହଯୋଗୀଙ୍କ ସହ ଦୋକାନରେ ଶୋଇଥିଲେ। ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଥିବା ନେଇ ଜଣେ ସହଯୋଗୀ ପୋଲିସ୍ ଓ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡ଼ିକାଲ ପଠାଇଛି। ଏ ନେଇ ନଂ.୨୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଗଜପତିରୁ ୧୧ ପଜିଟିଭ ଚିହ୍ନଟ

**ପାରଳାଖେମୁଣ୍ଡି, ୬।୧୦ (ସ୍ୱ.ପ୍ର.)**

ଗଜପତି ଜିଲାରୁ ମଙ୍ଗଳବାର ୧୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬୫୮ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୪, କାଶୀନଗର ବ୍ଲକରୁ ୨, ଗୁମ୍ମା, ନୂଆଗଡ, ମୋହନା, ଆର୍.ଉଦୟଗିରି ଓ ରାୟଗଡ ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବାର ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି।

# ଭିଶୋଇଙ୍କୁ ହତ୍ୟାକରି ଶାଳକ ଗିରଫ

**ଶେରଗଡ଼,୬।୧୦(ଡି.ଏନ୍.ଏ.)**

ଶେରଗଡ ବ୍ଲକ ଚିକିଲି ଗ୍ରାମ ରାସ୍ତାରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଶେରଗଡର ସନ୍ନ୍ୟାସୀ ସେଠୀଙ୍କୁ ତାଙ୍କ ଦୁଇ ଶଳା କୈଳାସ ସେଠୀ ଓ ବାବୁ ସେଠୀ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିଲେ। ଧରାକୋଟ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ମଙ୍ଗଳବାର ସକାଳେ ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଥିଲା। ହତ୍ୟାରେ ସମ୍ପୃକ୍ତ କୈଳାସଙ୍କୁ ପୋଲିସ ଗିରଫ କରିଥିବାବେଳେ ବାବୁ ଫେରାର ହୋଇଯାଇଛନ୍ତି। ଏ ନେଇ ଧରାକୋଟ ଥାନାରେ ନଂ.୧୪୭/୨୦ରେ ମାମଲା ରୁଜୁ ହୋଇଛି।

୨ ବର୍ଷ ତଳେ ସନ୍ନ୍ୟାସୀ ବନ୍ଧାଗୁଡା ପଞ୍ଚାୟତ ଚିକିଲି ଗ୍ରାମର ପଞ୍ଚୁ ସେଠୀଙ୍କ ଝିଅ ସ୍ୱପ୍ନାଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ସ୍ୱପ୍ନା ବିଷ ପିଇ ଆତ୍ମହତ୍ୟା କରିଥିଲେ। ପୋଲିସ ସନ୍ନ୍ୟାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ତଳେ ସେ ଜେଲରୁ ମୁକୁଳିଥିଲେ। ସୋମବାର ସନ୍ଧ୍ୟାରେ ଚିକିଲିକୁ କାମ କରିବାକୁ ଯାଇ ଫେରୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିଲା।

# ବିଏଡ୍ ଶିକ୍ଷକଙ୍କ ପଦୋନ୍ନତିରେ ପାତରଅନ୍ତର ଅଭିଯୋଗ



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ।

**ବ୍ରହ୍ମପୁର ଅଫିସ,୬।୧୦**

- ବିଏଡ୍ ଶିକ୍ଷକ ସଂଘର ଦାବିପତ୍ର
- ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ବିଏଡ୍ ତାଲିମପ୍ରାପ୍ତ ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତିରେ ପାତର ଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଜିଲାରେ ବରିଷ୍ଠ ତଥା ଅଭିଜ୍ଞ ପ୍ରାଥମିକ ଶିକ୍ଷକଙ୍କୁ ଅଣଦେଖା କରାଯାଇଥିବା ଗଞ୍ଜାମ ଜିଲା ଏଲିମେଣ୍ଟାରୀ ବିଏଡ୍ ଶିକ୍ଷକ ସଂଘ ଅଭିଯୋଗ କରିଛି। ଯୋଗ୍ୟ ତଥା ଅଭିଜ୍ଞ ଶିକ୍ଷକଙ୍କ ପଦୋନ୍ନତି ନେଇ ସଂଘ ଦାବି କରିଛି। ଏନେଇ ମଙ୍ଗଳବାର ଶିକ୍ଷକ ସଂଘ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଛି। ବରିଷ୍ଠତା ତଥା ଅଭିଜ୍ଞତା ଅନୁଯାୟୀ ଶିକ୍ଷକଙ୍କ ପଦୋନ୍ନତି ନେଇ ନିର୍ଦ୍ଦେଶ ରହିଥିବା ବେଳେ ଜିଲାରେ ଅଭିଜ୍ଞତା ତଥା ବରିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇଥିବା ସଂଘ ଅଭିଯୋଗ କରିଛି। ୧୯୯୭ରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥିବା ବେଳେ ୧୯୯୪ରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇଛି। ସେହିପରି ୨୦୧୯ରେ ବିଏଡ୍ ପାସ କରିଥିବା ଶିକ୍ଷକଙ୍କୁ ପଦୋନ୍ନତି ମିଳଥିବା ବେଳେ ୨୦୦୬ରେ ବିଏଡ୍ ପାସ କରିଥିବା ଶିକ୍ଷକଙ୍କୁ ଏଥିରୁ ବାଦ୍ ଦିଆଯାଇଥିବା ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ଅଭିଜ୍ଞ ତଥା ବରିଷ୍ଠ ଶିକ୍ଷକଙ୍କୁ ପଦୋନ୍ନତି ଦେବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ପଦୋନ୍ନତି ଶିକ୍ଷକଙ୍କ ତାଲିକା ପୋର୍ଟାଲରେ ଛଡାଯିବାକୁ ସଂଘ ଦାବି କରିଛି। ସପ୍ତାହକ ମଧ୍ୟରେ ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବା ଚେତାବନୀ ଶୁଣାଇଛି।

ଅନ୍ୟପକ୍ଷରେ ଘଟଣାର ଯାଞ୍ଚ କରାଯାଇ ପଦକ୍ଷେପ ଦିଆଯିବ ବୋଲି ଡିଇଓ ସୂଚାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା, ସମ୍ପାଦକ ନାରାୟଣ ସାହୁ, କୋରା ମହାରଣା, ସସ୍ମିତା କୁମାରୀ ପଣ୍ଡା, ହୃଷୀକେଶ ପାଢୀ, ରବୀନ୍ଦ୍ରନାଥ ଗୌଡ, ଏମ୍. ମନୋଜ କୁମାର ପାତ୍ର, ରବୀନ୍ଦ୍ର କୁମାର ଗୌଡ ଓ ସୁନୀତା କୁମାରୀ ମହାରଣାଙ୍କ ଜିଲାର ସମସ୍ତ ବ୍ଲକର ବିଏଡ୍ ଶିକ୍ଷକ ଉପସ୍ଥିତ ଥିଲେ।

# ପୋଲସରା ବ୍ଲକ କରୋନା ମୁକ୍ତ

**ଛତ୍ରପୁର/ପୋଲସରା, ୬।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ଛତ୍ରପୁର ସବ୍‌ଡିଭିଜନ ଅଧୀନ ପୋଲସରା ବ୍ଲକ ପ୍ରଥମ ବ୍ଲକ ଭାବେ କରୋନାମୁକ୍ତ ହୋଇଛି। ଏ ସମ୍ପର୍କରେ ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବ୍ଲକରେ ଆଉ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେଉ ନ ଥିବାବେଳେ ଗତ ୩ଦିନ ହେଲା ଜଣେ ବି କରୋନା ସକ୍ରିୟ ରୋଗୀ ନାହାଁନ୍ତି। ବ୍ଲକର ଜନସାଧାରଣ ସଚେତନ ହେବା ସହ ସତର୍କ ରହିବା, ପ୍ରଶାସନିକ ତତ୍ପରତା ଓ ପ୍ରଚେଷ୍ଟା, ପଞ୍ଚାୟତିରାଜ ପ୍ରତିନିଧି, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଆପ୍ରାଣ ଚେଷ୍ଟା ଯୋଗୁ ଏହି ସଫଳତା ମିଳିଛି। ଏହାପୂର୍ବରୁ ଏକମାତ୍ର ଗୋପାଳପୁର ଏନ୍ଏସି କରୋନାମୁକ୍ତ ହୋଇଥିଲା। ସେହିପରି ଛତ୍ରପୁରସ୍ଥିତ ଡିଆରଡିଏ କାର୍ଯ୍ୟାଳୟ ଓ ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ କରୋନାମୁକ୍ତ ଭାବେ ଜିଲାପାଳଙ୍କ ଠାରୁ ପ୍ରମାଣପତ୍ର ମିଳିସାରିଛି। ପୋଲସରା ବ୍ଲକରେ ୧୮,୧୦୮ ଜଣଙ୍କ କରୋନା ଟେଷ୍ଟ ହୋଇଥିଲା। ଏଯାବତ୍ ୫୮୦ ଜଣ କରୋନାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫୭୩ ସୁସ୍ଥ ହୋଇଥିବାବେଳେ ୭ ଜଣଙ୍କ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ବାହାର ରାଜ୍ୟରୁ ୧୮,୫୪୬ ପ୍ରବାସୀ ଫେରିଥିଲେ।

# ଡାକଘରେ ଟ୍ରେନ୍ ଟିକେଟ୍ କାଉଣ୍ଟର ଖୋଲିବାକୁ ଦାବି

**ଭଞ୍ଜନଗର,୬।୧୦(ଡି.ଏନ୍.ଏ.)**

ରାଜ୍ୟ ବାହାରେ ଥିବା ଭଞ୍ଜନଗର ଉପଖଣ୍ଡର ଲକ୍ଷ ଲକ୍ଷ ଲୋକ କରୋନା ଯୋଗୁ ଭିଟାମାଟିକୁ ଫେରିଥିଲେ। ବର୍ତ୍ତମାନ

**ଡାକଘର ମଞ୍ଚ କମିଟି ବୈଠକ**

ସେମାନେ କର୍ମକ୍ଷେତ୍ରକୁ ଫେରିବା ଆରମ୍ଭ କଲେଣି। ତେଣୁ କରୋନା ଯୋଗୁ ଭଞ୍ଜନଗର ପୋଷ୍ଟ ଅଫିସର ବନ୍ଦ ଥିବା ରେଳବାଇ ଟିକେଟ କାଉଣ୍ଟର ଖୋଲିବାକୁ ଦାବି ହୋଇଛି। ଏନେଇ ସୋମବାର ଡାକଘର ମଞ୍ଚ କମିଟି ବୈଠକରେ କର୍ମକର୍ତ୍ତାମାନେ ଦାବି କରିଥିଲେ। ଏଥିସହ ପାସ୍‌ପୋର୍ଟ କାଉଣ୍ଟର ମଧ୍ୟ ତୁରନ୍ତ ଖୋଲାଯାଉ ବୋଲି ଦାବି କରିଥିଲେ। ଡାକ ବିଭାଗ କୋଠା ମରାମତି କାମ ଠିକାଦାର ମନ୍ଥର ଗତିରେ କରୁଥିବାରୁ ଏଥିପ୍ରତି ଧ୍ୟାନ ଦେବାକୁ ସଭ୍ୟ ସୋମନାଥ ନାୟକ, ସନ୍ତୋଷ ପାଳ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ଅଫିସରେ ମାସ୍କ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଡାକ ବିଭାଗର ନିର୍ଦ୍ଦିଷ୍ଟ କେତେଜଣ କର୍ମଚାରୀ ମାସ୍କ ପିନ୍ଧୁ ନାହାନ୍ତି। ଡାକଘର ମଞ୍ଚ ବୈଠକରେ ମଧ୍ୟ କେତେଜଣ କର୍ମଚାରୀ ମାସ୍କ ପିନ୍ଧି ନ ଥିଲେ। ଏନେଇ ଆଗାମୀ ବୈଠକରେ ଉପସ୍ଥାପନ କରାଯିବ ବୋଲି ସଭ୍ୟ ସନ୍ତୋଷ ପାଳ ସୂଚନା ଦେଇଛନ୍ତି। ଭଞ୍ଜନଗର ମୁଖ୍ୟ ପୋଷ୍ଟମାଷ୍ଟର ନିତ୍ୟାନନ୍ଦ ନାଥଶର୍ମା ବୈଠକରେ ଅଧକ୍ଷତା କରିଥିଲେ। ସଭ୍ୟ ତଥା ଭଞ୍ଜନଗର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସୋମନାଥ ନାୟକ, ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ଏ.ବିଶ୍ୱନାଥ ପାତ୍ର, ଭଞ୍ଜନଗର ସାଙ୍ଗଠନିକ ଜିଲା ଭାଜପା ଉପ ସଭାପତି ସନ୍ତୋଷ ପାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ବଢୁଛି ଜୁଆଆଡ୍ଡା, ପଥଭ୍ରଷ୍ଟ ଯୁବପିଢ଼ି

**ବ୍ରହ୍ମପୁର ଅଫିସ,୬।୧୦**

ଏବେ ଆସିଯାଇଛି ପାର୍ବଣ ଋତୁ। ଏହି ସମୟରେ ଜିଲାର ସହରଠାରୁ ଆରମ୍ଭ କରି ଚାରିଆଡେ ଜୁଆ ଖେଳ ଜମିଥାଏ। କରୋନା କଟକଣା ଯୋଗୁ ବହୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ଗରିବ ଓ ଦିନ ମଜୁରିଆଙ୍କ ପାଇଁ ଦି' ମୁଠା ଦାନା ଯୋଗାଡ଼ କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି। କିନ୍ତୁ ଏବେ ଧୀରେ ଧୀରେ ପରିସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ଜୀବନଜୀବିକାକୁ ଗୁରୁତ୍ୱ ଦେଇ ସରକାର ଲକ୍‌ଡାଉନ୍ ପ୍ରତ୍ୟାହାର କରିଛନ୍ତି। ଦୀର୍ଘ ୪ମାସ ହେଲା ଜାରି ରହିଥିବା କଟକଣା ଯୋଗୁ ବହୁ ଲୋକ ନିଜର ସଞ୍ଚିତ ଅର୍ଥ ଖର୍ଚ୍ଚ କରି ସାରିଲେଣି। ଏଭଳି ସ୍ଥିତିରେ ସେମାନଙ୍କୁ କମ୍ ସମୟରେ ଅର୍ଥ ଉପାର୍ଜନ ଚିନ୍ତା ଘାରିଛି। ତେଣୁ ବ୍ରହ୍ମପୁର ସହରରେ ଜୁଆ ଖେଳ ଆପଣେଇଛନ୍ତି କେତେକ ଲୋକ। ପୋଲିସ ବିଭିନ୍ନ ସମୟରେ ଚଢ଼ାଉ କରି ଏଭଳି ଜୁଆଆଡ଼ା ଠାବ କରୁଛି।

ସହରର କିଛି ନିର୍ଦ୍ଦିଷ୍ଟ ସ୍ଥାନରେ କେତେକ ଅସାମାଜିକ ବ୍ୟକ୍ତି ପୋଲିସ ଆଖିରେ ଧୂଳି ଦେଇ ଜୁଆଖେଳ ଚଳାଉଥିବା ନଜିର ରହିଛି। ପୋଲିସ ସେମାନଙ୍କୁ ଗିରଫ ମଧ୍ୟ କରିଛି। ଏବେ ପୁଣିଥରେ ସହରର ବିଭିନ୍ନ ସ୍ଥାନରେ ଏଭଳି ଜୁଆ ଖେଳ ଚାଲିଥିବା ଅଭିଯୋଗ ହେଉଛି। ଅଧିକାଂଶ ଲୋକ ଟଙ୍କା ଲୋଭରେ ପଡ଼ି ଜୁଆଖେଳରେ ନିଜକୁ ସାମିଲ କରୁଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏପରିକି ପୋଲିସ ଗିରଫ କରିଥିବା ଜୁଆଡ଼ିଙ୍କ ମଧ୍ୟରୁ କିଏ ପ୍ରଥମଥର ପାଇଁ ଜୁଆ ଖେଳୁଥିବା ବେଳେ ଆଉ କିଛି ଛାତ୍ର ଥିବା ଜଣାପଡ଼ିଛି। ଗତମାସ ୩ତାରିଖ ବଡ଼ ବଜାର ଥାନା ପୋଲିସ ଏଭଳି ଏକ ଜୁଆଆଡ଼ା ଠାବ କରି ମୋଟ ୧୭ ଜଣଙ୍କୁ କାବୁ କରିଥିଲା। ଜଣେ ବ୍ୟକ୍ତି ନିଜ ଘରେ ଜୁଆଆଡ୍ଡା ଚଳାଉଥିବା ପୋଲିସ ତଦନ୍ତରେ ଜଣାପଡ଼ିଥିଲା। ସେହିପରି ଗୋଳନ୍ଥରା ଓ ଜରଡ଼ା ପୋଲିସ ଗତମାସ ୧୨ରେ ଦୁଇଟି ଜୁଆଆଡ୍ଡା ଠାବ କରିଥିଲା। ଗୋଟିଏ ସ୍ଥାନରୁ ୧ଲକ୍ଷ ୮୦ହଜାର ଓ ଅନ୍ୟସ୍ଥାନରୁ ୨୧ହଜାର ଟଙ୍କା ଜବତ ହୋଇଥିଲା। ପୋଲିସ ୧୦ଜଣଙ୍କୁ ଗିରଫ କରିବା ସହିତ ୭ ବାଇକ୍ ଜବତ କରିଥିଲା।

ସେହିପରି ବଡ଼ ବଜାର ପୋଲିସ ଗତ ୨୯ତାରିଖ ରାତିରେ ପୁରୁଣା ବ୍ରହ୍ମପୁର ଗଣେଶନଗର ଅଞ୍ଚଳରୁ ଏକ ଜୁଆଆଡ୍ଡା ଠାବ କରି ୧୦ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଲକ୍ଷ ୧୦୦ ଟଙ୍କା ଜବତ ହୋଇଥିଲା। ସେହିପରି କିଛିଦିନ ତଳେ ଟାଉନ ଥାନା ପୋଲିସ ଗିରିମାର୍କେଟରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢାଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୫୦ ହଜାର ଟଙ୍କା, ବାଇକ ଓ ମୋବାଇଲ ଜବତ କରିଥିଲା।


**BANK JOB**
Odisha ରେ ଥିବା Private ଓ Govt. Bank ରେ peon ଏବଂ Back Office (Contractual) ପଦର ନିଯୁକ୍ତି ପାଇଁ 10th / +2 / +3 pass Candidate ଆବଶ୍ୟକ।
Salary : 8000/- To 14000/-
9178912298, 8895725158

Recruitment for the Post of LIC Agent as an Insurance Advisor.
Join India's No.1 - LIC of India
Sushree Sangeeta Nayak (DO LIC)
Contact: 9337286709, 7653067426

**VACANCY**
A Leading Food Manufacturing Company require male & female candidate for all over Odisha for expending his branches in every district.
Sales Manager : Qualification (Graduate), Marketing Manager : Qualification (Graduate), Sales Representative : 10th Above, Veterinary Doctor : BVS.
Salary upto 12,000/- to 50,000/-
All candidates are submitted his/her bio-data with 2 recent passport size photo & documents sent by under sign address on before20th October 2020 via speed post below mention address. Age Limit : (18 to 50) yrs.
VALEO DILIGENTIA PVT LTD.
Address - IT Colony, Rajgangpur, Near OCL,Sundarggarh, Odisha - 770017,
Call Us : 7205635009, 7008894327, Email : mail2valeodiligentia@gmail.com

**ବିଜ୍ଞାପନ**
No.D-72:-
**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ଭାମିନୀ, ରାୟଗଡ଼ା**
ନାମ– ସତ୍ୟରଞ୍ଜନ ଛତ୍ରିଆ
କନଷ୍ଟେବଳ ନଂ.–୫୭୮
ପିତା– ଜଗଦୀଶ ଛତ୍ରିଆ
ଗ୍ରାମ– ମୁଖିଗୁଡ଼ା
ପୋ.– ମୁଖିଗୁଡ଼ା
ଥାନା– ଜୟପାଟଣା
ଜିଲ୍ଲା– କଳାହାଣ୍ଡି
ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୭।୦୩।୨୦୨୦ରିଖ ଅପରାହ୍ନଠାରୁ ତା୨୩।୦୩।୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ ଦିନ ସାମୂହିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୨୪।୦୩।୨୦୨୦ରିଖ ପୂର୍ବାହ୍ନରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।
ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା
OIPR-12029/11/0015/2021

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଫୁଲବାଣୀ ଅଫିସ:** ଫୁଲବାଣୀ ସହର ଏଫ୍‌ସିଆଇ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମିନିଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଚକାପାଦ ବ୍ଲକ ଲାଇନପଡା ଅଞ୍ଚଳର ଦିଲ୍ଲୀପ ଦିଗାଳ। ଦିଲ୍ଲିପ ତାଙ୍କ ବାଇକରେ ଖଜୁରିପଡା ପଟୁ ଫୁଲବାଣୀ ଫେରୁଥିବା ବେଳେ ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ମିନିଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଗ୍ନିଶମ ବାହିନୀ ଏବଂ ଖଜୁରିପଡା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ହଡ଼ପ

**ସିଏଜି ରିପୋର୍ଟ**
- ଡବ୍ଲ୍ୟୁଡିସିରେ ହେଉଛି ବ୍ୟାପକ ଅନିୟମିତତା

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ ବିଭାଗ ଏବଂ ସରକାରୀ ଉଦ୍ୟୋଗଗୁଡ଼ିକରେ ଥିବା କେତେଜଣ ଅଧିକାରୀ ନିଜ କର୍ତ୍ତବ୍ୟରେ ଅବହେଳା କରିବା ସହ ସରକାରୀ ଅର୍ଥକୁ ହଡ଼ପ କରିବାକୁ ପଛାଉ ନାହାନ୍ତି। ଏଥିଯୋଗୁ ବିକାଶମୂଳକ କାର୍ଯ୍ୟ ଅନେକାଂଶରେ ବାଧାପ୍ରାପ୍ତ ହେବା ସହିତ ରାଜକୋଷରୁ ବହୁ ଅର୍ଥ ବାଟମାରଣା ହେଉଛି। ଏପରି କି ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ଅର୍ଥ ଏବଂ ଭତ୍ତାକୁ ମଧ ହଡ଼ପ କରାଯାଉଛି। କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରେ ଏଭଳି ତଥ୍ୟ ପଦାକୁ ଆସିଛି।

ମଙ୍ଗଳବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ସାଧାରଣ ଓ ସାମାଜିକ କ୍ଷେତ୍ର ଉଦ୍ୟୋଗ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲୁଓଡିସି) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଅନୁକମ୍ପା ଦେଖାଇ ୨.୩୨ କୋଟି ଟଙ୍କାର ଲାଇସେନ୍ସ ଫି' ବେଆଇନ ଭାବେ ପ୍ରଦାନ କରିଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ସରକାରୀ ଅର୍ଥ ଆତ୍ମସାତ, ବାର୍ଦ୍ଧକ୍ୟଭତ୍ତା ହଡ଼ପ ଭଳି ସଙ୍ଗିନ ତଥ୍ୟ ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ଏପରି କି ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ହଡ଼ପ କରାଯାଇଛି। ୯ଟି ପଞ୍ଚାୟତ ସମିତିର ୧୯ଟି ଗ୍ରାମପଞ୍ଚାୟତରେ ୭୨ଟି ଗ୍ରାମରେ ମୃତକଙ୍କ ନାମରେ ଭତ୍ତା ବଣ୍ଟନ କରାଯାଇଛି।

୧୦ଟି ଜିଲାର ୮୯ଟି ବ୍ଲକର ବିକାଶ କରିବା ଲାଗି ଡବ୍ଲ୍ୟୁଓଡିସି ଗଠନ କରାଯାଇଥିଲା। ରାଜ୍ୟ ସରକାର ଏହି ସଂସ୍ଥାର ଦାୟିତ୍ୱ ୨୬ ଜଣିଆ ସଦସ୍ୟଙ୍କ ଉପରେ ନ୍ୟସ୍ତ କରିଛନ୍ତି। ତେବେ ବିକାଶ ପରିବର୍ତ୍ତେ ଏହି ସଂସ୍ଥା ଅନିୟମିତତାରେ ଉବୁଟୁବୁ ହେଉଛି। ଜଳସେଚନ ପ୍ରକଳ୍ପକୁ ଅଗ୍ରାଧିକାର ଦିଆ ନ ଯାଇ ଅନ୍ୟ ପ୍ରକଳ୍ପ ପାଇଁ ଡବ୍ଲ୍ୟୁଓଡିସି ଅର୍ଥ ଅଯଥାରେ ବ୍ୟୟ କରାଯାଇଛି। ୨୦୧୫ରୁ ୨୦୧୮ ମଧ୍ୟରେ ରାଉରକେଲା ମହାନଗର ନିଗମକୁ ଗୋଷ୍ଠୀକେନ୍ଦ୍ର ନିର୍ମାଣ କରିବାକୁ ୩.୦୩ କୋଟି ଟଙ୍କା ଦିଆଯାଇଥିବା ବେଳେ ସେହି ଅର୍ଥ ସ୍ମାର୍ଟ ସିଟି ପାଇଁ ଖର୍ଚ୍ଚ ହୋଇଛି । ୨୦୧୮ସୁଦ୍ଧା ୨୬୯୦ ପ୍ରକଳ୍ପର କୌଣସି ଅଡିଟ୍ ଡବ୍ଲ୍ୟୁଓଡିସି ଦ୍ୱାରା କରାଯାଇ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି। ୨୦୦୪ରୁ ୨୦୧୮ ମଧ୍ୟରେ ଡବ୍ଲ୍ୟୁଓଡିସି ୨୭,୯୧୦ ପ୍ରକଳ୍ପରୁ ୧୦୦୯ ପ୍ରକଳ୍ପ ପାଇଁ ୬୧.୧୫ କୋଟି ଟଙ୍କା ବେଆଇନ ଭାବେ ଆବଣ୍ଟନ କରିଥିବା ରିପୋର୍ଟରେ କୁହାଯାଇଛି। କେବଳ ଡବ୍ଲ୍ୟୁଓଡିସି ନୁହେଁ ବିଭିନ୍ନ ବିଭାଗର କାର୍ଯ୍ୟ ବିଳମ୍ବ ଯୋଗୁ ରାଜ୍ୟକୁ ବହୁ କ୍ଷତି ସହିବାକୁ ପଡ଼ିଛି। ରାଜ୍ୟର ୪ଟି ସ୍ଥାନରେ ସୌର ପ୍ରକଳ୍ପ ସ୍ଥାପନ କରିବାକୁ କେନ୍ଦ୍ର ସରକାର ୩୮.୧୦ କୋଟି ପ୍ରଦାନ କରିଥିଲେ। ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ସେହି ଅର୍ଥ ୩ ବର୍ଷ ଯାଏ ବିନିଯୋଗ ନ ହୋଇ ପଡି ରହିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକାଦାରଙ୍କ ଠାରୁ ୯ କୋଟି ଟଙ୍କା ଆଦାୟ କରିବାରେ ବିଫଳ ହୋଇଥିଲା। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ବ୍ୟାଙ୍କ ଖାତା ସହିତ କ୍ୟାଶ ବହିର ମେଳ କରାଗଲାବେଳେ ୧.୦୩ କୋଟି ଟଙ୍କା ଆତ୍ମସାତ ହୋଇଥିବା ସିଏଜି ରିପୋର୍ଟରେ କହିଛନ୍ତି। ୯ଟି ପଞ୍ଚାୟତ ସିମିତି ଅଧୀନ ୭୨ଟି ଗ୍ରାମର ୧୫୦ ଜଣ ମୃତ ହିତାଧିକାରୀଙ୍କ ନାମରେ ୨.୭୯ ଲକ୍ଷ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ୍ କରାଯାଇଥିବା ରିପୋର୍ଟରେ କୁହାଯାଇଛି।

## ସଂକ୍ଷେପରେ

### ୧୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି

**କାଶୀନଗର,୬।୧୦(ଡି.ଏନ୍.ଏ.):** କାଶୀନଗର ବ୍ଲକରେ କାର୍ଯ୍ୟରତ ୧୩ ଶିକ୍ଷୟିତ୍ରୀ ଶିକ୍ଷକ ପଦୋନ୍ନତି ପାଇଛନ୍ତି। ଲେବୁଲ-୪ରେ ବିଭିନ୍ନ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ଏହି ୧୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଲେବୁଲ-୩କୁ ପଦୋନ୍ନତି ହୋଇଥିବା ବ୍ଲକ ଶିକ୍ଷାଧିକାରୀ ଡ. ବୃଷକେତୁ ଦାସ ସୂଚନା ଦେଇଛନ୍ତି। ଏକ ନିରାଡମ୍ବର ପଦୋନ୍ନତି ପତ୍ର ପ୍ରଦାନ ଉତ୍ସବରେ ମଙ୍ଗଳବାର ଏମାନଙ୍କୁ ଆଦେଶ ପତ୍ର ଦିଆଯାଇଥିଲା। ଉତ୍ସବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଟି. କିଶୋର ଓ ସଦର ସିଆରସିସି ବି. ଗୋପାଳ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ତ୍ତିକେଶ୍ୱରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୬।୧୦(ବ୍ୟୁରୋ):** ବାଲେଶ୍ୱର ପୂର୍ବତନ ଏମ୍‌ପି ତଥା ଭୋଗରାଇର ପୂର୍ବତନ ବିଧାୟକ, ସୁଲେଖକ କାର୍ତ୍ତିକେଶ୍ୱର ପାତ୍ରଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି, ପାତ୍ରଙ୍କ ଦେହାନ୍ତ ବିଷୟ ଜାଣି ଦୁଃଖିତ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ନେତୃବୃନ୍ଦ ସ୍ୱର୍ଗତ ପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଗଭୀର ଶୋକବ୍ୟକ୍ତ କରିବା ସହ ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି ।

### ଚୋରି ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ଛତ୍ରପୁର,୬।୧୦(ଡି.ଏନ.ଏ):** ଏକ ଚୋରି ମାମଲାରେ ଛତ୍ରପୁର ଥାନା ପୋଡାପଦର ଗାଁର ଏନ୍. ନୀଳ ପାତ୍ର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମାମଲାର ଶୁଣାଣି କରି ମଙ୍ଗଳବାର ଛତ୍ରପୁର

**ବୃଦ୍ଧାଙ୍କୁ ମିଳିଲା ନ୍ୟାୟ**

ସବଡିଭିଜନାଲ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସନ୍ତୋଷ କୁମାର ପାଣିଗ୍ରାହୀ ଉକ୍ତ ରାୟ ପ୍ରକାଶ କରିଛନ୍ତି। ନୀଳଙ୍କୁ ୧୦ ମାସ ସଶ୍ରମ କାରାଦଣ୍ଡ ସହ ୫ଶହ ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆଉ ୧୫ ଦିନ କାରାଦଣ୍ଡ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ ନଭେମ୍ବର ୧୫ରେ ନୀଳ ପୋଡାପଦର ଗ୍ରାମର ଏ ସୁବାମା ସ୍ୱାମୀଙ୍କ ଘରେ ପଶି ୧୫୦୦ ଟଙ୍କା, ପେନ୍‌ସନ ବହି, ବ୍ୟାଙ୍କ ଖାତା, ଆଧାର କାର୍ଡ, ଭୋଟର କାର୍ଡ ନେଇ ପଳାଇଥିଲେ। ବୃଦ୍ଧା ସୁବାସା ଡିସେମ୍ବର ୨ରେ ଛତ୍ରପୁର ଥାନାରେ ଏତଲା ଦେବାରୁ ମାମଲା (ନଂ.୩୧୪/୧୯) ରୁଜୁ କରି ପୋଲିସ ନୀଳଙ୍କୁ ଗିରଫ କରିଥିଲା।

### ରଇତ ସଂଘ ବୈଠକ

**କାଶୀନଗର,୬।୧୦(ଡି.ଏନ୍.ଏ.):** ସ୍ଥାନୀୟ ବ୍ଲକ ସିଏଚ୍‌ସି ଛକରେ କାଶୀନଗର ରଇତ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ କାର୍ଯ୍ୟକାରୀ ସଭାପତି ଏସ୍. ତାତେୟା, ଉପସଭାପତି ୱାଇ. ଧନଞ୍ଜୟ, କୋଷାଧକ୍ଷ ବସନ୍ତ କୁମାର ଦାମୋଦର ଓ ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟ ଯୋଗ ଦେଇଥିଲେ। ପୋଲାକି ତିରୁପତିଙ୍କ ନେତୃତ୍ୱରେ ସଂଘରେ ଯୋଗ ଦେବାକୁ ଆସିଥିବା କୋଡିଏ ଜଣ ଯୁବ କୃଷକଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ମେଗା ଜଳସେଚନପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଶୀଘ୍ର ଚାଷ ଜମିକୁ ଜଳ ଯୋଗାଇ ଦେବାକୁ ଦାବି ରଖାଯିବା ସହ ଫସଲ ଗଚ୍ଛିତ ରଖିବାକୁ ଗୋଦାମ ଘର ନିର୍ମାଣ, ମାସେ ଭିତରେ ରବି ଫସଲ ବିହନ ଯୋଗାଣ ପାଇଁ ଦାବି କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଗାମୀ ୨୬ ତାରିଖରେ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଖୋଲାଗଲା ବରାଳ ଦେବୀଙ୍କ ଦାନ ହୁଣ୍ଡି



ଦାନହୁଣ୍ଡି ଖୋଲାଯାଉଛି।

ଖଜୁରିପଡ଼ା/ବଲସକୁମ୍ପା, ୬।୧୦(ଡି.ଏନ.ଏ.)

ଖଜୁରିପଡା ବ୍ଲକ ବଲସକୁମ୍ପାଠାରେ ଥିବା ମା' ବରାଳ ଦେବୀଙ୍କ ପୀଠରେ କୋଭିଡ୍-୧୯ ନିୟମାନୁଯାୟୀ ମହାନବମୀ ଓ ଦଶହରା ପର୍ବ କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଗତ ୧ ତାରିଖରେ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦଙ୍କ ଅଧକ୍ଷତାରେ ଏଥିନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂଜା ସମୟରେ ସାମାଜିକ ଦୂରତା ରକ୍ଷା, ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର କରିବା, ପୂଜା ପାଇଁ ମନ୍ଦିର ପରିଚାଳନା କମିଟି ଜିଲାପାଳଙ୍କ ଲିଖିତ ଅନୁମତି ନେବା ଓ ଭିଡ଼ ନ କରିବା ପାଇଁ ଡାକବାଜି ଯନ୍ତ୍ର ମାଧମରେ ପ୍ରଚାର କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମଙ୍ଗଳବାର ମନ୍ଦିର ହୁଣ୍ଡି ଖୋଲାଯିବ ବୋଲି କୁହାଯାଇଥିଲା। ସେହିକ୍ରମରେ ଖଜୁରୀପଡ଼ା ତହସିଲଦାର ସ୍ୱପ୍ନିତା ନାୟକଙ୍କ ଅଧକ୍ଷତାରେ ରାଜସ୍ୱ ନୀରିକ୍ଷକ ପୁରନଥ ମଲ୍ଲିକ, ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର, ବଲସକୁମ୍ପା ସରପଞ୍ଚ ଅଜୟ କୁମାର ମଲ୍ଲିକ ଓ ମନ୍ଦିର ପରିଚାଳନା କମିଟିର ସଭାପତି ଚିତ୍ତରଞ୍ଜନ ପ୍ରଧାନ,୩ ସେବାୟତ ନଟବର ନାୟକ, ଦିଲ୍ଲୀପ କୁମାର ଦଳବେହେରା, ଉଦ୍ଧବ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ମନ୍ଦିରର ଦାନ ହୁଣ୍ଡି ଖୋଲା ଯାଇ ଗଣତି ହୋଇଥିଲା। ହୁଣ୍ଡିରୁ ମୋଟ ୫୩,୨୧୦ ଟଙ୍କା ମିଳିଥିବା ସମସ୍ତଙ୍କ ସମ୍ମୁଖରେ ଗଣି ରାଜସ୍ୱ ନିରୀକ୍ଷକ ଅଧିକାରୀ ପୁରାନଥ ମଲ୍ଲିକଙ୍କୁ ହସ୍ତାନ୍ତର କରାଗଲା। ପୂଜାରେ ମନ୍ଦିର ଚତୁଃପାର୍ଶ କପଡା ଓ ବାଉଁଶରେ ବ୍ୟାରିକେଡ଼ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍‌କୁ ଡିଏସ୍‌ଓର ବିରୋଧ

ବ୍ରହ୍ମପୁର ଅଫିସ,୬।୧୦

ବିଶ୍ୱବିଦ୍ୟାଳୟ ସଂଶୋଧିତ ବିଲ ବିଧାନସଭାରେ ପାସ ହୋଇଛି। ଏହା ପ୍ରତିବାଦରେ ମଙ୍ଗଳବାର ଅଲ ଇଣ୍ଡିଆ ଡିଏସଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅପରାହ୍ନରେ ଖଲ୍ଲିକୋଟ କଲେଜ ସମ୍ମୁଖରେ ସଂଗଠନ ପକ୍ଷରୁ ପ୍ରତିବାଦ କରାଯିବା ସହ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦ର ନକଲକୁ ଦାହ କରାଯାଇଥିଲା। ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ବିଶ୍ୱବିଦ୍ୟାଳୟ ଅଧାପକ ସଂଘର ପ୍ରତିବାଦ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲକୁ ବିଧାନସଭାରେ ପାସ କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସଂଗଠନ କହିଛି। ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦ ପ୍ରଣୟନ ଦ୍ୱାରା ରାଜ୍ୟର ବିଶ୍ୱବିଦ୍ୟାଳୟ ଗୁଡିକର ପୂର୍ବ ଗୌରବ ସମ୍ପୂର୍ଣ୍ଣ ଧୂଳିସାତ ହୋଇଯିବ ବୋଲି ସଂଗଠନ କହିଛି। ଏହାକୁ ତୁରନ୍ତ ବାତିଲ କରିବାକୁ ଦାବି କରାଯାଇଛି। ବିକ୍ଷୋଭ ସମାବେଶରେ ଅଲଇଣ୍ଡିଆ ଡିଏସଓର ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ସମ୍ପାଦକ ନିମାଇଁ ଚରଣ ସାହୁ, ଡି. ତିରୁପତି ଦୋରା ପ୍ରମୁଖ ସାମିଲ ହୋଇଥିଲେ।



ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ-୨୦୨୦ର ନକଲକୁ ଡିଏସଓ ପକ୍ଷରୁ ଜଳାଯାଉଛି।

## ବୁଗୁଡ଼ାରେ କୋଭିଡ୍ କଟକଣାକୁ ବେଖାତିର

ବୁଗୁଡ଼ା,୬।୧୦(ଡି.ଏନ.ଏ.)

କୋଭିଡ୍ ନିୟମକୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ କରାଯାଉଥିଲେ ମଧ ବୁଗୁଡ଼ାରେ ଏହାକୁ ବେଖାତିର କରାଯାଇଥିବା ଜଣାପଡ଼ିଛି। ବିଭିନ୍ନ ଦୋକାନରେ ବ୍ୟବସାୟୀମାନେ ପଞ୍ଚସୂତ୍ରୀ ନିୟମ ପାଳନ କରୁ ନ ଥିବା ଏଠାରେ ପରିଲକ୍ଷିତ ହୋଇଛି। କରୋନା ଗୋଷ୍ଠୀ ସଂକ୍ରମଣକୁ ରୋକିବା ଲାଗି ମାସ୍କ ପରିଧାନ, ହାତ ବିଶୋଧନ, ସାମାଜିକ ଦୂରତା ଉପରେ ପ୍ରଶାସନର ଗୁରୁତ୍ୱ ଦେଉଥିବା ବେଳେ ଏଥିପ୍ରତି ଅଧିକାଂଶ ବ୍ୟବସାୟୀ ତଥା ଗ୍ରାହକମାନେ ମାନୁନଥିବା ଦେଖିବାକୁ ମିଳୁଛି। କୋଭିଡ୍ ସପ୍ତାହ ପାଳନରେ ପ୍ରଶାସନ, ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ଅଙ୍ଗନୱାଡି, କୋଭିଡ୍ ସଖୀମାନଙ୍କ ଦ୍ୱାରା ବିଭିନ୍ନ ଦିନରେ ରାଲି କରିବା ସହ ବିଭିନ୍ନ ପ୍ରତିଯୋଗିତା କରି କରୋନା ସଚେତନ କରାଯାଇଥିଲା। କିନ୍ତୁ ସେସବୁର କୌଣସି ପ୍ରଭାବ ଲୋକମାନଙ୍କ ଉପରେ ପଡୁନାହିଁ। ତେବେ କୋଭିଡ୍ କଟକଣାକୁ ନ ମାନିଲେ ପରିସ୍ଥିତି ଭୟଙ୍କର ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଶାଳକାଠ ସହ ପିକ୍‌ଅପ୍ ଭ୍ୟାନ ଜବତ

**ବାଲିଗୁଡ଼ା,୬।୧୦(ଡି.ଏନ.ଏ.):** ବାଲିଗୁଡ଼ା ବନ ବିଭାଗ ପକ୍ଷରୁ ସୋମବାର ରାତିରେ ଶାଳ ଚଉକାଠ ବୋଝେଇ ଗୋଟିଏ ପିକଅପ ଭ୍ୟାନକୁ ଜବତ କରାଯାଇଛି। କାଠ ମାଫିଆ ଫେରାର୍ ହୋଇଯାଇଥିବାବେଳେ ଅନ୍ୟ ଜଣେ ସନ୍ଦିଗ୍ଧକୁ ଅଟକ ରଖି ବନବିଭାଗ ତଦନ୍ତ ଚଳାଇଛି। ସୁଦ୍ରା ଅଞ୍ଚଳରେ ବିଭାଗ ରାତ୍ରି କାଳୀନ ପାଟ୍ରୋଲିଂ ଚାଲିଥିଲା। ସେହି ସମୟରେ କାଠ ଚୋରାଚାଲାଣ ହେଉଥିବା ଖବର ପାଇ ବିଭାଗୀୟ କର୍ମଚାରୀମାନେ ରାତି ପ୍ରାୟ ୩ ଟାରେ ଶାଳକାଠ ବୋଝେଇ ଭ୍ୟାନକୁ ପିଛା କରି କନ୍ଧମାଳ-କଳାହାଣ୍ଡି ସିମାନ୍ତ ଲୁବେନଗଡ଼ଠାରେ ଅଟକାଇଥିଲେ। ଗାଡ଼ିରେ ଥିବା ୧୨୦ ଖଣ୍ଡ ଶାଳ ଚଉକାଠ ଜବତ କରିଥିଲେ। ଚଢ଼ାଉରେ ଏସିଏଫ୍ ଡ. ରୁଦ୍ରପ୍ରଶାଦ ରଥ, ଏସିଏଫ୍ ସୌମ୍ୟ ରଞ୍ଜନ ସାହୁ, ରେଞ୍ଜର ସଞ୍ଜୟ ସାହୁ ପ୍ରମୁଖ ସାମିଲ ଥିଲେ।

## ୫ ବାଇକ ଜବତ, ଯୁବକ ଗିରଫ

କବିସୂର୍ଯ୍ୟନଗର,୬।୧୦

କବିସୂର୍ଯ୍ୟନଗର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ବାଇକ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ବଡ଼ଆଗୁଳର କଂଗ୍ରେସ ପ୍ରଧାନ ଓରଫ ମାଣ୍ଡିଆ। ନଂ.୨୬୦/୨୦ରେ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି।

## ବିଚାର ବିଭାଗୀୟ ତଦନ୍ତ ଦାବି

**ହାଥରସ୍ ଗଣବଳାତ୍କାର ଘଟଣା**
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବ୍ରହ୍ମପୁର ଅଫିସ,୬।୧୦

ଉତ୍ତରପ୍ରଦେଶ ହାଥରସ୍‌ରେ ଦଳିତ ଯୁବତୀଙ୍କୁ ଗଣ ବଳାତ୍କାର ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦଳିତ ଶୋଷଣ ମୁକ୍ତି ମଞ୍ଚ ଗଞ୍ଜାମ ଜିଲା ଶାଖା ଦାବି କରିଛି। ମଙ୍ଗଳବାର ମଞ୍ଚ ପକ୍ଷରୁ ଦକ୍ଷିଣାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦଳିତ ଯୁବତୀଙ୍କୁ ଗଣ ବଳାତ୍କାର ଘଟଣାର ନିରପେକ୍ଷ ତଥା ବିଚାର ବିଭାଗୀୟ ତଦନ୍ତ କରି ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ମଞ୍ଚ ଦାବି କରିଛି। ଏଥିସହ ପୀଡିତାଙ୍କ ପରିବାରଙ୍କୁ ସ୍ୱତନ୍ତ୍ର ନିରାପତ୍ତା ଦେବାସହ ଦଳିତ ଓ ଅଣଦଳିତଙ୍କୁ ସୁରକ୍ଷା ଦେବାକୁ ମଞ୍ଚ ଦାବିପତ୍ରରେ ଉଲ୍ଲେଖ କରିଛି। କାର୍ଯ୍ୟକ୍ରମରେ ସଂଗଠନ ଆବାହକ ରାମଚନ୍ଦ୍ର ନାୟକଙ୍କ ସମେତ ବିଦ୍ୟାଧର ଜେନା, ବସନ୍ତ ନନ୍ଦ, ବିଷ୍ଣୁପ୍ରିୟା ସାହୁ, ଫକୀର ଦାସ ଓ ମୁନା ଦାସ ପ୍ରମୁଖ ସାମିଲ ହୋଇଥିଲେ।



ଡିଆଇଜିଙ୍କ କାର୍ଯ୍ୟାଳୟ ଆଗରେ ମଞ୍ଚ କର୍ମକର୍ତ୍ତାଙ୍କ ବିକ୍ଷୋଭ।

## ହାଥରସ୍ ପୀଡିତାଙ୍କୁ ନ୍ୟାୟ ଦାବିରେ ରାଲି



ରାଲି ସହର ପରିକ୍ରମା କରୁଛି।

ପାରଳାଖେମୁଣ୍ଡି,୬।୧୦(ସ୍ୱ.ପ୍ର.)

ଉତ୍ତର ପ୍ରଦେଶର ହାଥରସ୍ ପୀଡିତାଙ୍କ ପରିବାରକୁ ନ୍ୟାୟ ଦେବାକୁ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ହାଇସ୍କୁଲ ଛକଠାରେ ଏକ ରାଲିର ଆୟୋଜନ କରାଯାଇଥିଲା। ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଏହି ରାଲିର ଆୟୋଜ କରାଯାଇଥିଲା। ବହୁ ସଂଖ୍ୟାରେ ଯୁବଗୋଷ୍ଠୀ ଏକାଠି ହୋଇ ପୀଡିତାଙ୍କ ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ ଦାବିରେ ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲେ। ଦେବାଶିଷ ମାଳି, ମୋଜେଶ୍ ଦଳବେହେରା ପ୍ରମୁଖ ରାଲିର ନେତୃତ୍ୱ ନେଇଥିଲେ।

## କୋଟଗଡ଼କୁ ମଦମୁକ୍ତ କରିବାକୁ ଦାବି

ବାଲିଗୁଡ଼ା,୬।୧୦(ଡି.ଏନ.ଏ.)

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ରେ ଅବସ୍ଥିତ ବହୁ ପୁରାତନ ଠାକୁରାଣୀ ମନ୍ଦିରରେ ଏବେ ନିଶାସକ୍ତ ଲୋକମାନେ ଆଡା ଜମାଉଛନ୍ତି। ପୁରାତନ କାଳରୁ ମା'ବୁଢ଼ୀ ଠାକୁରାଣୀ ପୂଜା ପାଇ ଆସୁଛନ୍ତି। ଗ୍ରାମବାସୀ ମନ୍ଦିରର ରକ୍ଷଣାବେକ୍ଷଣ କରୁଛନ୍ତି। ହେଲେ ମନ୍ଦିରରୁ ମାତ୍ର ଶହେ ମିଟର ଦୂରରେ ଏକ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ମଦ୍ୟପାନ କରି ନିଶାସକ୍ତ ଲୋକମାନେ ମଦକାଚ, ଗ୍ଲାସ, ଅଇଁଠା ପାଣିବୋତଲ ଓ ପାଉଚ ମନ୍ଦିର ପରିସରରେ ପକାଉଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ଓ ବଜରଙ୍ଗ ଦଳଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସ୍ଥାନୀୟ ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ ସମ୍ପୃକ୍ତ ଅଞ୍ଚଳକୁ ମଦ ମୁକ୍ତ କରିବା ସହ ନିଶାସକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୋଟଗଡ଼ ବଜରଙ୍ଗ ଦଳ ଦାବି କରିଛି।

## ଛତୁଚାଷ ତାଲିମ ଶିବିର ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ୬।୧୦(ସ୍ୱ.ପ୍ର.):** ପାରଳାଖେମୁଣ୍ଡି ସ୍ଥିତ ୟୁନିୟନ ବ୍ୟାଙ୍କର ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ତରଫରୁ ଗୁମ୍ମା ବ୍ଲକ ଅଜଗଡ ପଞ୍ଚାୟତ ରୁଢେଇ ଗ୍ରାମରେ ଛତୁଚାଷ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଓପିଇଏଲ୍‌ପି, ଏଲଏସ୍‌ଡିଏ ଓ ଜେକେପି ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୨୫ଜଣ ମହିଳା ଛତୁ ଚାଷ ତାଲିମ ନେଉଛନ୍ତି। ୧୦ଦିନ ଧରି କାର୍ଯ୍ୟକ୍ରମ ଚାଲିବ। ଅନୁଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା ସଭାପତିତ୍ୱ କରିଥିବାବେଳେ ପ୍ରବନ୍ଧକ କିଶୋର ଚନ୍ଦ୍ର ନାୟକ ମୁଖ୍ୟଅତିଥି ଓ ଅଜୟଗଡର ସରପଞ୍ଚ ସୁମ୍ପା ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଗଞ୍ଜାମରେ ବସ୍ତ୍ର ଉଦ୍ୟୋଗ ପାଇଁ ଦାବି

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଭଞ୍ଜନଗର,୬।୧୦(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ବସ୍ତ୍ର ଉଦ୍ୟୋଗ କାର୍ଯ୍ୟକ୍ଷମ କରିବାକୁ ସୁଗମ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଭଞ୍ଜନଗର ବିଡ଼ିଓଙ୍କ ଅନୁପସ୍ଥିତିରେ ଜିପିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ କେନ୍ଦ୍ରୀୟ ଚଳଚିତ୍ର ପ୍ରାମାଣିକ ବୋର୍ଡ଼ ସଦସ୍ୟ ଶ୍ରୀକାନ୍ତ ପାଢ଼ୀ, ପ୍ରଶାନ୍ତ ପାଣିଗ୍ରାହୀ, ନବକୃଷ୍ଣ ପାଣିଗ୍ରାହୀ, ସହ ସଂଯୋଜକ ଆଲୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, କରୋନା ଯୋଗୁ ୭ମାସ ହେବ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଅନ୍ୟ ରାଜ୍ୟରେ କାମ କରୁଥିବା ପ୍ରାୟ ୪ଲକ୍ଷ ପ୍ରବାସୀ ଓଡ଼ିଆ ଶ୍ରମିକ ଗଞ୍ଜାମକୁ କାମ ନ ପାଇ ଫେରି ଆସିଥିଲେ। ମାତ୍ର ଜିଲାରେ ଆବଶ୍ୟକ ଭିତ୍ତିଭୂମି ନଥିବା ଯୋଗୁ ସେମାନଙ୍କୁ କାମ ଯୋଗାଇ ଦିଆଯାଇ ପାରୁନାହିଁ। ସେମାନଙ୍କୁ କାମ ଯୋଗାଇବାକୁ ହେଲେ ଗଞ୍ଜାମରେ ବସ୍ତ୍ର ଉଦ୍ୟୋଗ ସହ ଆସିକା ସୂତାକଳକୁ କାର୍ଯ୍ୟକ୍ଷମ କରାଯାଉ। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ବହୁ କୁଶଳୀ ଓଡ଼ିଆ ଶ୍ରମିକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରିବ ବୋଲି ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ରାଜପଥ ସମ୍ପ୍ରସାରଣ, ହଟହଟା ବ୍ୟବସାୟୀ

**ସ୍ଥାୟୀ ବ୍ୟବସ୍ଥା ଦାବି**

ଦାରିଙ୍ଗବାଡ଼ି,୬।୧୦(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ଉଠାଦୋକାନୀଙ୍କ ପାଇଁ କୌଣସି ସ୍ଥାୟୀ ଭେଣ୍ଡିଂଜୋନ୍ ବା ମାର୍କେଟ କମ୍ପ୍ଲେକ୍ସ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସେମାନେ ଛୋଟ ଟିଣ ଛପର ଘରକରି ରାସ୍ତା କଡରେ ଦୋକାନ ଖୋଲିଛନ୍ତି। ଦାରିଙ୍ଗବାଡ଼ି ଏବଂ ସିମନବାଡ଼ି ରାସ୍ତା କଡ଼ରେ ଏପରି ବହୁ ବ୍ୟବସାୟୀ ଦୋକାନ କରି ପରିବାର ଚଳାଉଛନ୍ତି। ଏବେ ବାଲିଗୁଡ଼ା ଠାରୁ ଦାରିଙ୍ଗବାଡ଼ି ପଞ୍ଚୁପଲି ପର୍ଯ୍ୟନ୍ତ ପ୍ରାୟ ୫୬ କିମି ଜାତୀୟ ରାଜପଥ ନଂ.୫୯ର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏଥିପାଇଁ ୧.୨୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ରାଜପଥକୁ ୧୦ମିଟର ଓସାରିଆ ସହ ୧୧ଟି ବ୍ରିଜ ନିର୍ମାଣ କରାଯିବ।

ସୂଚନାଯୋଗ୍ୟ ଯେ, ଜାତୀୟ ରାଜପଥ ବିଭାଗ ପକ୍ଷରୁ ବାଲିଗୁଡ଼ା ଠାରୁ ଦାରିଙ୍ଗବାଡ଼ି ମଧ୍ୟରେ ବାଇପାସ୍ ପାଇଁ ସମସ୍ତ ସର୍ଭେ ଜମି ଚିହ୍ନଟ କାର୍ଯ୍ୟ କରାଯାଇଥିଲେ ସୁଦ୍ଧା ସଂରକ୍ଷିତ ଜଙ୍ଗଲ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ରାଜପଥ ବିଭାଗ ବାଇପାସ ଛାଡ଼ି ଦାରିଙ୍ଗବାଡ଼ି ଏବଂ ସିମନବାଡ଼ି ବଜାର ଦେଇ ରାସ୍ତା ସମ୍ପ୍ରସାରଣ କରୁଛି। ଫଳରେ ବହୁ ଉଠାଦୋକାନୀ କ୍ଷତିଗ୍ରସ୍ତ ହେବା ସହ ହଟହଟା ହେଉଛନ୍ତି। ଲକ୍‌ଡାଉନ ଶଟ୍‌ଡାଉନ୍ ଯୋଗୁ ବେପାର ଏକପ୍ରକାର ବନ୍ଦ ହୋଇଯାଇଥିବାବେଳେ ଏବେ ସମ୍ପ୍ରସାରଣ ଯୋଗୁ ସେମାନେ ରୋଜଗାର ହରାଇଛନ୍ତି। ଏନେଇ ରାଜପଥ ବିଭାଗର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ କହିଛନ୍ତି, ଏବେ ଉକ୍ତ ରାସ୍ତା ସମ୍ପ୍ରସାରଣ କରାଯାଉଛି ଭବିଷ୍ୟତରେ ବାଇପାସ ରାସ୍ତା ନିର୍ମାଣ ପାଇଁ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି।



ରାଜପଥକୁ ସମ୍ପ୍ରସାରଣ କରାଯାଉଛି।

